# କୁଚିଣ୍ଡା କଲେଜରେ ଏନ୍‌ସିସି ଦିବସ

କୁଚିଣ୍ଡା, ୨୬।୧୧ (ଇମିସ): ରବିବାର କୁଚିଣ୍ଡା କଲେଜ ପରିସରରେ 'ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ' ପାଳିତ ହୋଇଛି। ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ କ୍ୟାଡେଟମାନଙ୍କୁ ଏକତା ଓ ଅନୁଶାସନ ସମ୍ପର୍କରେ କହିଥିଲେ। ସଂକଳ୍ପ ଓ ସାହସିକତା କିପରି ବିଭିନ୍ନ ସମୟରେ ନାଗରିକମାନଙ୍କୁ ସୁରକ୍ଷା ଦେଇପାରିଛି, ଉଦାହରଣ ସହ ବକ୍ତବ୍ୟ ରଖିଥିଲେ। କଲେଜର ବିଭିନ୍ନ କାର୍ଯ୍ୟକ୍ରମରେ ଏନସିସିର ଯୋଗଦାନକୁ ପ୍ରଶଂସା କରିଥିଲେ। ଏନସିସି ଅଧିକାରୀ ତଥା ଇଂରାଜୀ ଅଧ୍ୟାପକ ରୋଶନ କୁଲ୍ଲୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କ୍ୟାଡେଟମାନେ ପରିସରକୁ ପରିଷ୍କାର କରିବାସହ ସଚେତନତାଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ଟିକେଶ୍ୱର ଘୁଘର, ଅଭିନ୍ନ କିଷାନ, ବିଜୟ କଉଡ଼ି, ପୁରାତନୀର ସଦସ୍ୟ ସୌମ୍ୟରଞ୍ଜନ ପୃଷ୍ଟି ଏବଂ ଗାର୍ଲ୍ସ ହାଇସ୍କୁଲର ଏନସିସି ଅଧିକାରୀ ଦୀପ୍ତିମୟୀ କୁସୁମ ଯୋଗଦେଇ ଏନସିସିର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

